Pramoya - 1/2/07/16

# ଇଫ୍‌କୋ ପରିସରରେ ଜୈବସାର କାରଖାନା ଉଦ୍‌ଘାଟିତ




■ ବାର୍ଷିକ ୧ ଲକ୍ଷ ଲିଟର ବ୍ୟବସାୟିକ ଉତ୍ପାଦନ କ୍ଷମତା

■ ସଲଫର ସାଇଲୋ ଏବଂ ଫସଫରିକ ଏସିଡ ପ୍ଲାଣ୍ଟ ବାଷ୍ପକାରକ ୟୁନିଟ୍ ମଧ୍ୟ ଉଦ୍‌ଘାଟିତ

■ ପ୍ରଥମ ଉତ୍ପାଦିତ ଜୈବସାର ୫୦୦ ଚାଷୀଙ୍କୁ ମାଗଣାରେ ବଣ୍ଟନ

ପାରାଦୀପ, ୧୧।୫(ଆପ୍ର): ଇଫ୍‌କୋ ସାର କାରଖାନା ପରିସରରେ ଆଜି ପୂର୍ବାହ୍ନରେ ଏକ ଜୈବସାର ପ୍ରସ୍ତୁତି ୟୁନିଟ ଉଦ୍‌ଘାଟିତ ହୋଇଯାଇଛି। ଇଫ୍‌କୋ(ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ) ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଡ ଉଦୟଶଙ୍କର ଅଁଗସ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପାରାଦୀପ ୟୁନିଟ ମୁଖ୍ୟ ଆଶିଷ କୁମାର ପଣ୍ଡା, ମାନବସମ୍ବଳ ପ୍ରବନ୍ଧକ ଜ୍ଞାନଚାନ୍ଦ ଆଚାର୍ଯ୍ୟ, ଓଡିଶା ମାର୍କେଟିଂ ମ୍ୟାନେଜର ଏସ୍ ଚଟ୍ଟୋପାଧ୍ୟାୟ, କୋର୍ଡ଼େଟ ଅଧିକାରୀ ଡ ମନ୍ମଥ ପ୍ରସାଦ, ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

ଇଫ୍‌କୋ ଦ୍ୱାରା ପ୍ରତିଷ୍ଠିତ ଏହି ଜୈବସାର କାରଖାନା ଓଡିଶାରେ ସର୍ବପ୍ରଥମ ବୋଲି ଇଫ୍‌କୋ ଅଧିକାରୀମାନେ ଦାବି କରିଛନ୍ତି। ଜୈବସାର କାରଖାନା ସହିତ ଏକ ସଲଫର ସାଇଲୋ ଏବଂ ଫସଫରିକ ଏସିଡ୍ ପ୍ଲାଣ୍ଟ ୮ମ ବାଷ୍ପକାରକ ୟୁନିଟ ମଧ୍ୟ ଏହି ଅବସରରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପଗୁଡିକ ପାଇଁ ୪ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏହି ଜୈବସାର ୟୁନିଟରୁ ବାର୍ଷିକ ୧ ଲକ୍ଷ ଲିଟର ଉତ୍ପାଦ ବଜାରକୁ ଛଡାଯାଇ ପାରିବ ବୋଲି କୁହାଯାଇଛି। କାରଖାନାରୁ ପ୍ରଥମ କରି ଉତ୍ପାଦିତ ତରଳ ଜୈବସାର ଉଦଘାଟନ ଉତ୍ସବରେ ଯୋଗ ଦେବାକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦୦ ଚାଷୀଙ୍କୁ ଇଫ୍‌କୋ ତରଫରୁ ମାଗଣାରେ ବଣ୍ଟନ କରାଯାଇଛି।

ପ୍ରକଳ୍ପଗୁଡିକର ଆନୁଷ୍ଠାନିକ ଉଦ୍‌ଘାଟନୀ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ କର୍ମଚାରୀ ସଂଘ ସଭାପତି, ସମ୍ପାଦକ, ସଦସ୍ୟ, ଅଧିକାରୀଗଣ ଏବଂ ମହିଳା ଓ ପୁରୁଷ କୃଷକ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ଡ ଅଗସ୍ତି ତାଙ୍କର ବକ୍ତବ୍ୟ ରଖି କହିଥିଲେ ଯେ ମୃତ୍ତିକାର ଉର୍ବରତା ବଢାଇବାକୁ ରାସାୟନିକ ସାର ପ୍ରୟୋଗ କରାଯାଏ, ମାତ୍ର ଏହା ପୂର୍ବରୁ ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ କରିବାକୁ ହୁଏ। କାରଣ ମୃତ୍ତିକା ସୁସ୍ଥ ଥିଲେ ରାସାୟନିକ ସାର ଠିକ୍ ଭାବେ କାମ କରିବ। ପ୍ରଥମେ ଖତ, ତା'ପରେ ଜୈବସାର ଏବଂ ଶେଷରେ ରାସାୟନିକ ସାର ପ୍ରୟୋଗ କରିବାକୁ ସେ ଉପସ୍ଥିତ ଚାଷୀଙ୍କୁ କହିଥିଲେ। ଜୈବସାର ପ୍ରୟୋଗ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ଠିକ ରହେ ଯାହାଦ୍ୱାରା ଅଳ୍ପ ରାସାୟନିକ ସାର ପ୍ରୟୋଗରେ ଭଲ ଫସଲ ଅମଳ ହୁଏ। ଫସଲର ଗୁଣବତ୍ତା ମଧ୍ୟ ବଜାୟ ରହେ। ଫଳରେ ଚାଷୀ ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଅଧିକ ଫସଲ ଅମଳ କରିପାରିବ ଏବଂ ମୃତ୍ତିକାର ଉର୍ବରତା କମ ହେବ ନାହିଁ। ଚାଷୀମାନେ ସନ୍ତୁଳିତ ସାର ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ନିକଟ ଭବିଷ୍ୟତରେ ଇଫକୋ ପକ୍ଷରୁ ଏକ କୃଷକ ତାଲିମ କେନ୍ଦ୍ର ଖୋଲାଯିବ ବୋଲି ଘୋଷଣା କରିଥିଲେ। ଏହି ୟୁନିଟରେ ୫ ପ୍ରକାର ତରଳ ଜୈବସାର ଉତ୍ପାଦନ କରାଯିବ ବୋଲି ସେ କହିଥିଲେ। ସବୁଠାରୁ ବଡ କଥା ହେଉଛି ଜୈବସାର ପ୍ରୟୋଗ ଫଳରେ ରାସାୟନିକ ସାର ବ୍ୟବହାର ପରିମାଣ ହ୍ରାସ ପାଇବା ଯୋଗୁଁ ପରିବେଶ ପ୍ରଦୂଷଣ ମଧ୍ୟ ହ୍ରାସ ହୋଇପାରିବ। ପ୍ରତିଯୋଗିତାମୂଳକ ବଜାରରେ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ନ ଆପଣେଇଲେ ଆମେ ପଛରେ ପଡିଯିବା ବୋଲି ସେ କହିଥିଲେ। ତେବେ ସିଧାସଳଖ ରିହାତି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦେବା ଲାଗି ସରକାରଙ୍କ ପାଖରେ ସେ ଦାବି କରିଥିବା ପ୍ରକାଶ କରିଥିଲେ। ୨୦୦୯-୧୦ ଏବଂ ୨୦୧୦-୧୧ ଆର୍ଥିକ ବର୍ଷରେ ଇଫ୍‌କୋ ପଡୋଶୀ ରାଜ୍ୟମାନଙ୍କୁ ବହୁପରିମାଣରେ ସାର ଯୋଗାଇଛି। ବର୍ତ୍ତମାନ ୧୭ ଲକ୍ଷ ଟନ୍ ପରିମାଣ ସାର ଉତ୍ପାଦନ କରୁଥିବା ଅଧିକାରୀମାନେ କହିଥିଲେ। ଓଡିଶାରେ ଏବେ ୪୦ ଲକ୍ଷ ଟନ୍ ଜୈବସାରର ଆବଶ୍ୟକତା ଥିବା ମଧ୍ୟ ସୂଚନା ଦେଇଥିଲେ। ୨୦୦୫ରୁ ପାରାଦୀପ ୟୁନିଟରେ ଉତ୍ପାଦନ ଆରମ୍ଭ କରିଥିବାବେଳେ ଏହି ୟୁନିଟ ସର୍ବଦା ଜୈବସାର ବ୍ୟବହାରକୁ ଗୁରୁତ୍ୱ ଦେଇ ଆସିଛି ଏବଂ ଚାଷୀଙ୍କୁ ସବୁଜ ଜୈବସାର ଧଣିଚା ଚାଷ କରିବାକୁ ମଧ୍ୟ ପରାମର୍ଶ ଦେଇ ଥିବା କୁହାଯାଇଛି।